ଶନିବାର, ୫ ଅକ୍ଟୋବର, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



# ବିପଦର ସାଥୀ ହିଁ ପ୍ରକୃତ ସାଥୀ

ଗପ



ମୋହନର ଗୋଟିଏ ଗୋଡ଼ ପୋଲିଓ ଆକ୍ରାନ୍ତ, ତେଣୁ ସେ ଟିକେ ଛୋଟେଇ ଛୋଟେଇ ଚାଲେ। ଏହି କାରଣରୁ ସ୍କୁଲରେ ଖେଳଛୁଟିରେ ଓ ମଧ୍ୟାହ୍ନଭୋଜନ ସମୟରେ କ୍ଲାସ ବାହାରକୁ ଯିବାକୁ ତାକୁ ଭାରି ଲାଜ ଲାଗେ। ତା'ର ସାଥୀ ପିଲାମାନେ ତାକୁ ଦେଖି ହସିବେ ଓ ଚିଡ଼େଇବେ ବୋଲି ତା'ର ଡର! ହେଲେ ପାଠରେ ସେ ବେଶ୍ ଆଗୁଆ। ସାର୍ ଯାହା ପାଠ ଦିଅନ୍ତି ଶ୍ରେଣୀରେ ସମସ୍ତଙ୍କଠାରୁ ଆଗରେ କରି ଦେଖାଏ। ସବୁ ପାଠ ମନଦେଇ ଶୁଣେ, ପଚାରିଲେ ଡେରି ନ କରି ଉତ୍ତର ବି ଦିଏ। କିନ୍ତୁ କାହା ସହିତ ମିଶିପାରେ ନା। ମଧୁ ସହିତ ସେ ଗୋଟିଏ ବେଞ୍ଚରେ ବସେ । ହେଲେ ମଧୁ ମୋହନକୁ ବେଳେ ବେଳେ ଚିଡାଏ, ଭଲରେ ତା' ସହ କଥା କହେନି।

ଥରକର କଥା, ସ୍କୁଲର ବାର୍ଷିକ ଉତ୍ସବ ଥାଏ। ସବୁ ପିଲାଙ୍କୁ କିଛି ନା କିଛି କାର୍ଯ୍ୟକ୍ରମରେ ଅଂଶ ନେବାକୁ କୁହାଯାଇଥାଏ। ମୋହନ ବକ୍ତୃତାରେ ଭାଗ ନେଇଥାଏ ତ ମଧୁ ନାଟକରେ। ଶେଷରେ ହେବାକୁ ଥାଏ ନାଟକ। ନାଟକ ଶେଷ ହେବା ବେଳକୁ ରାତିରେ ସମସ୍ତେ ଘରକୁ ଚାଲିଯାଇଥାନ୍ତି। ମଧୁ ନିଜର ପୋଷାକ ବଦଳେଇ ଆସିବା ପାଇଁ ଗୋଟିଏ କୋଠରି ଭିତରକୁ ଯାଇଥାଏ। ହଠାତ୍ ତାକୁ ଲାଗିଲା କିଏ ଜଣେ ବାହାରୁ ସେଇ କବାଟଟିକୁ ବନ୍ଦ କରିଦେଲା। ମଧୁ ଖୋଲିବା ପାଇଁ କବାଟ ବାଡ଼େଇଲା ବେଳକୁ ସେ ସେଠାରୁ ଯାଇ ସାରିଥାଏ। ସତ କଥା ହେଲା ସମସ୍ତେ ଯାଇ ସାରିଲେଣି ଭାବି ସ୍କୁଲର ପିଅନ ସବୁ କୋଠରି ଭଳି ସେହି କୋଠରିକୁ ମଧ୍ୟ ବାହାରୁ ତାଲା ପକେଇ ଘରକୁ ଯିବାକୁ ବାହାରିଗଲା। ଏପଟେ ମଧୁ ଯେତେ କବାଟ ବାଡ଼େଇଲେ ବି କାହାକୁ ଶୁଭୁ ନ ଥାଏ।

ଏତିକି ବେଳେ ମୋହନ ଦେଖିଲା ଯେ ଶ୍ରେଣୀରେ ମଧୁର ସ୍କୁଲ ବ୍ୟାଗ ରହିଯାଇଛି। ସେ ପିଅନକୁ ଡାକି କହିଲା, ମଧୁ ବୋଧେ ଯାଇନାହିଁ, ତା'ର ବ୍ୟାଗ ଏଇଠି ଏ ପର୍ଯ୍ୟନ୍ତ ଅଛି ! ପିଅନ କହିଲା, ନା, ନା ମୁଁ ନିଜେ ସବୁ କୋଠରିରେ ତାଲା ପକେଇ ଆସିଛି, କାହିଁ କେହି ତ ମୋତେ ଦେଖାଗଲେ ନାହିଁ ! ମଧୁ ନିଶ୍ଚୟ ତରତରରେ ତା' ବ୍ୟାଗ ଛାଡ଼ି ଚାଲିଯାଇଛି, କାଲି ସ୍କୁଲ ଆସିଲେ ସେ ତା'ର ବ୍ୟାଗ ନେଇଯିବ ନି ? ହେଲେ ମୋହନ ଜାଣିଛି ମଧୁ ଭାରି ଦାୟିତ୍ୱବାନ ପିଲା, ସେ କେବେ କିଛି ଜିନିଷ ଛାଡ଼ି ଯିବା ସେ ଦେଖିନି। ସେ ଜୋର କରି ପିଅନକୁ କହିଲା,ଚାଲ ଆମେ ଆଉଥରେ ଦେଖି ଆସିବା, ମୁଁ ଭାବୁଛି ମଧୁ ଘରକୁ ଯାଇନି। ଦୟାକରି ମୋ କଥା ବିଶ୍ୱାସ କର, ନ ହେଲେ ସେ ରାତିସାରା ଏକୁଟିଆ ଏତେ ବଡ଼ ସ୍କୁଲ ଭିତରେ ରହିଯିବ। ପିଅନର ଇଚ୍ଛା ନ ଥିଲେ ବି ସେ ମୋହନର କଥାକୁ ମାନିବାକୁ ବାଧ୍ୟ ହେଲା। ଦୁହେଁ ଉପର ମହଲାକୁ ଯିବାବେଳେ କିଏ କବାଟ ବାଡ଼େଇବାର ଶବ୍ଦ ଶୁଣିବାକୁ ପାଇଲେ। ଶୀଘ୍ର ଯାଇ କବାଟ ଖୋଲିଦେଲା ବେଳକୁ କାନ୍ଦି କାନ୍ଦି ମଧୁର ଅବସ୍ଥା ଖରାପ। ସେତେବେଳକୁ ଭୟରେ ତା' ପାଟିରୁ କଥା ବାହାରୁ ନ ଥାଏ। ସେ ଆଉ କିଛି ନ କହି ଖୁସିରେ ମୋହନକୁ କୁଣ୍ଢେଇ ପକେଇ କହିଲା, ମୋତେ କ୍ଷମା କରିବୁ ସାଙ୍ଗ, ମୁଁ ତୋତେ ଠିକ୍ ଭାବରେ ଚିହ୍ନିପାରି ନ ଥିଲି। ତୁ ଭଲ ପାଠ ପଢୁ ବୋଲି ତୋ ସହ ଜାଣିଶୁଣି ମୁଁ କଥା ହୁଏନି। ଆଉ ସବୁଠାରୁ ବଡ଼ କଥା ଜାଣିଛୁ, ତୁ ଠିକ୍‌ଭାବେ ଚାଲିପାରୁନାହୁଁ ବୋଲି ପଛରେ ତୋତେ ଥଟ୍ଟା ବି କରେ। ହେଲେ ମୁଁ ଆଜି ମୋର ଭୁଲ ବୁଝିପାରୁଛି। ଭଗବାନ ସିନା ତୋ ଦେହରେ ଗୋଟିଏ ଦୋଷ ଖଞ୍ଜି ଦେଇଛନ୍ତି, ହେଲେ ତା' ବଦଳରେ ତୋ ଭିତରେ ଭଲ ସାଙ୍ଗ, ଭଲ ବିଦ୍ୟାର୍ଥୀ ଏବଂ ସର୍ବୋପରି ଗୋଟିଏ ଭଲ ମଣିଷର ସବୁ ଗୁଣ ଭରି ଦେଇଛନ୍ତି। ତୁ ଆଜି ନ ଥିଲେ ମୋର କ'ଣ ଯେ ଅବସ୍ଥା ହୋଇଥାନ୍ତା ! ମୁଁ ତ ଭାବିଲି, ଆଜି ଆଉ ଘରକୁ ଯାଇପାରିବିନି। ହେଲେ କେବଳ ତୋ ଯୋଗୁ ହିଁ ଆଜି ଏଭଳି ଏକ ପରିସ୍ଥିତିରୁ ମୁଁ ରକ୍ଷା ପାଇଗଲି।

ସେଦିନ ପରଠାରୁ ମୋହନ ଓ ମଧୁର ବନ୍ଧୁତା ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଗଲା। ସତରେ ଶରୀରରେ ଥିବା ଅକ୍ଷମତାକୁ ଦେଖି ଲୋକଙ୍କ ବିଷୟରେ ଧାରଣା କରିବା ଉଚିତ ନୁହେଁ।

**– ଶ୍ରୁତକୀର୍ତ୍ତି ତ୍ରିପାଠୀ , ଭୁବନେଶ୍ୱର**
ମୋ: ୬୩୭୦୫୧୬୪୭୮

## ଖିଲି ଖିଲି ହସ

ଜଣେ ବ୍ୟକ୍ତିକୁ ଦିନରେ ମଶା କାମୁଡିଲା। ବ୍ୟକ୍ତି ଜଣକ –ଆରେ ଦିନରେ ବି କାମୁଡୁଛୁ କାହିଁକି ? ମଶା– କ'ଣ କରିବି ଭାଇ, ଘରେ ମା–ବାପା ଅସୁସ୍ଥ ଅଛନ୍ତି, ଭଉଣୀଟେ ମୋର ହସ୍‌ପିଟାଲରେ ପଡିଛି, ତା' ଦେହ ବି ଅସୁସ୍ଥ ଅଛି, ଡାକ୍ତର କହୁଛନ୍ତି ରକ୍ତ ଗୋଟେ ଲିଟର ଦରକାର କ'ଣ କରିବି କୁହ !

ରବି ଦୋକାନକୁ ଯାଇ କହିଲା– ଏହି ମିରର୍ ଦାମ୍ କେତେ ? ଦୋକାନୀ: ଏକ ହଜାର ଟଙ୍କା।
ରବି: ଏ ତ ବହୁତ ଦାମ୍ ହୋଇଯାଉଛି।
ଦୋକାନୀ: ଆପଣ ଏହାକୁ ୧୦୦ ମହଲା ଉପରୁ ତଳକୁ ପକାଇଲେ ୯୯ ମହଲା ପର୍ଯ୍ୟନ୍ତ ଠିକ୍ ରହିବ।
ରବି: ବାଃ ଭାଇ, କି କମାଲ ଏହି ଆଇନାର, ଏହାକୁ ଜଲ୍‌ଦି ପ୍ୟାକ୍ କରିଦିଅ।

ମା' ପୁଅକୁ କହିଲା–ଆରେ ପୁଅ ଉଠି ଯା, ସୂର୍ଯ୍ୟ କେତେବେଳୁ ଆସିଲାଣି ।
ପୁଅ: ସେଇଠୁ କ'ଣ ହେଲା ମା , ସେ ତ ମୋ ଠାରୁ ଜଲ୍‌ଦି ଶୋଇପଡେ । ସେଥିପାଇଁ ଜଲ୍‌ଦି ଉଠିଯାଉଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▸▸ ଜଣା ଅଜଣାସ୍ତମ୍ଭରେ 'ଭୟଙ୍କର ପକ୍ଷୀ' ବିଷୟରେ କିଛି ତଥ୍ୟ ଜାଣିବାକୁ ମିଳିଲା।

**–ମିତାଲି ନାୟକ,ନୟାଗଡ଼**


▸▸ ଏଥର ପ୍ରକାଶିତ କବିତାଗୁଡିକ ମନଛୁଆଁ ହୋଇଥିଲା।

**– ରୁହାନି ସାହୁ, ଭଣ୍ଡାରିପୋଖରୀ, ଭଦ୍ରକ**

▸▸ ଗଳ୍ପରେ ଶାନ୍ତିଦୂତ ଲାଲ୍‌ବାହାଦୁର ପାଠଟିରୁ ଜାଣି ହେଲା କାହିଁକି ଶାସ୍ତ୍ରୀଙ୍କୁ ଶାନ୍ତିଦୂତ କୁହାଗଲା ।

**–ମନୋଜ ରାଉତ, ମାଲକାନଗିରି**

## ରଙ୍ଗ ଦିଅ



## କ୍ୟାରମ୍ ବୋର୍ଡର କେନ୍ଦ୍ରସ୍ଥଳ

କ୍ୟାରମ୍ ଖେଳର ଲୋକପ୍ରିୟତା ପ୍ରାୟ ସମସ୍ତଙ୍କୁ ଜଣା। ହେଲେ ଆପଣ ଜାଣନ୍ତି କି ଉତ୍ତରପ୍ରଦେଶର ମେରଠ ହେଉଛି ଏହି ବୋର୍ଡ ତିଆରିର ପ୍ରମୁଖ କେନ୍ଦ୍ରସ୍ଥଳ। ଏହିଠାରେ ହିଁ ବିଭିନ୍ନ ପ୍ରକାରର କ୍ୟାରମ୍ ବୋର୍ଡ ତିଆରି ହୋଇଥାଏ ଓ ଏହି ସ୍ଥାନରୁ ଦେଶବିଦେଶକୁ ମଧ୍ୟ ରପ୍ତାନୀ ହୋଇଥାଏ। ଅବଶ୍ୟ ଅନ୍ୟ କେତେକ ଅଞ୍ଚଳରେ କ୍ୟାରମ୍ ବୋର୍ଡ ତିଆରି ହୁଏ ମାତ୍ର ମେରଠର କ୍ୟାରମ୍ ବୋର୍ଡର ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ଚାହିଦା ରହିଛି। ଏଠାରୁ ପ୍ରତିବର୍ଷ ପ୍ରାୟ ୧୦୦କୋଟି ଟଙ୍କାର କ୍ୟାରମ୍ ବୋର୍ଡ ବିକ୍ରି ହୋଇଥାଏ। ହଜାର ହଜାର ସଂଖ୍ୟାରେ ଏଠାରେ ଲୋକେ ଏହି କ୍ୟାରମ୍ ବୋର୍ଡ ତିଆରି କାମରେ ଲାଗିଥାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗୋଟିଏ ବୋର୍ଡ ତିଆରିରେ ପ୍ରାୟ ୭ ରୁ ୮ ଜଣ ଲୋକ ଲାଗିଥାନ୍ତି। ଏଠାରେ ୩୦୦ ଟଙ୍କାରୁ ଆରମ୍ଭ କରି ୮ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର କ୍ୟାରମ୍ ବୋର୍ଡ ମିଳିଥାଏ। ଲଣ୍ଡନ, ଇଂଲଣ୍ଡ, ସାଉଦୀ ଆରବ, କୁଏତ, ଓମାନ୍ ଆଦି ବିଭିନ୍ନ ଦେଶକୁ ଏଠାରୁ ବହୁ ସଂଖ୍ୟାରେ କ୍ୟାରମ୍ ବୋର୍ଡ ରପ୍ତାନୀ ହୋଇଥାଏ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





ସବୁ କ୍ଷେତ୍ରରେ ସଫଳତା ପାଇବାକୁ ହେଲେ ଶୃଙ୍ଖଳିତ ହେବା ଜରୁରୀ। ଆଉ ଏଥିପାଇଁ ପିଲାବେଳରୁ ହିଁ ଶିକ୍ଷା ନେବାକୁ ହୁଏ। କେଉଁ ସବୁ ବ୍ୟବହାରକୁ ଆପଣାଇ ପିଲାମାନେ ଶୃଙ୍ଖଳିତ ଆଚରଣର ଉଦାହରଣ ଦେଇପାରିବେ ସେସମ୍ପର୍କରେ ...

# ଶୃଙ୍ଖଳା ଶିକ୍ଷା

ଶୃଙ୍ଖଳିତ ହେବା ପିଲାମାନଙ୍କର ଏକ ବିଶେଷ ଗୁଣ। ଏହି ଗୁଣ ହିଁ ସେମାନଙ୍କ ବ୍ୟବହାରକୁ ମାର୍ଜିତ କରିଥାଏ ଓ ବିଭିନ୍ନ କ୍ଷେତ୍ରରେ ସଫଳତାର ମାର୍ଗ ଉନ୍ମୁକ୍ତ କରିଥାଏ। ଏହି ବିଶେଷ ଗୁଣ ପାଇଁ ଭବିଷ୍ୟତରେ ପିଲାଙ୍କ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ। ଜୀବନରେ ସ୍ୱାଧୀନଭାବେ ସମ୍ମାନର ସହ ବଞ୍ଚିବା ପାଇଁ ପ୍ରେରଣା ମିଳିଥାଏ। ତେଣୁ ଭଲ ପାଠ ପଢ଼ିବା ସହିତ ନିଜ ବ୍ୟବହାରକୁ ମଧ୍ୟ ମାର୍ଜିତ କରିବାକୁ ହେବ। ନଚେତ୍ ଏକ ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଥିଲେ ବି ସମାଜରେ କୌଣସି ପ୍ରକାରର ମାନ ସମ୍ମାନ ଅଥବା ଅନେକ ସମୟରେ ସଫଳତା ବି ମିଳି ନ ଥାଏ। ତେଣୁ ପାଠପଢ଼ା ସହିତ ପିଲାମାନେ ଶୃଙ୍ଖଳିତ ହେବା ପାଇଁ ପ୍ରୟାସ କରିବା ଜରୁରୀ। ନିଜର ଏହି ଗୁଣର ବିକାଶ ପାଇଁ କେଉଁସବୁ ଦିଗପ୍ରତି ଧ୍ୟାନ ଦେବାକୁ ହେବ ସେ ସମ୍ପର୍କରେ ଜାଣି ରଖନ୍ତୁ।

## ଠିକ୍ ସମୟ

ଜଣେ ଶୃଙ୍ଖଳିତ ହେବାର ପ୍ରଥମ ଲକ୍ଷଣ ହେଉଛି ପ୍ରତ୍ୟେକ କାମକୁ ଠିକ୍ ସମୟରେ କରିବା। ଅର୍ଥାତ୍ ଠିକ୍ ସମୟରେ ଶୋଇବା ଓ ଉଠିବା, ଦାନ୍ତ ଘଷିବା, ସ୍ନାନ କରିବା ଏମିତିକି ପାଠ ପଢ଼ିବା ଓ ଖେଳିବା ଆଦି ସବୁ କାମକୁ ଠିକ୍ ସମୟରେ କରନ୍ତୁ। ଅର୍ଥାତ୍ ପାଠ ବେଳେ ପାଠ ଓ ଖେଳବେଳେ ଖେଳ। ତେଣୁ ଏହି ମନ୍ତ୍ରକୁ ସମସ୍ତେ ପିଲାବେଳରୁ ହିଁ ଅଭ୍ୟାସରେ ପକାଇବା ଦରକାର। ପିଲାମାନେ ସବୁବେଳେ ମନେ ରଖିବା ଦରକାର କି ସବୁ କାମ ଠିକ୍ ସମୟରେ କରିପାରିଲେ କାମର ବୋଝ ରହେନି। ତେଣୁ ନିଜର ସବୁ କାମ ପାଇଁ ପରାମର୍ଶ କରି ଏକ ସମୟ ସ୍ଥିର କରନ୍ତୁ।

## ସାଇତି ରଖିବା, ସଜାଡ଼ି ରଖିବା

ସବୁବେଳେ ନିଜ ପୋଷାକପତ୍ରକୁ ନିଜେ ସଜାଡ଼ି ରଖିବା ପାଇଁ ଚେଷ୍ଟା କରନ୍ତୁ। ଏହି କାମ କରିବା ଫଳରେ ଧିରେ ଧିରେ ଦାୟିତ୍ୱବୋଧ ବଢ଼ିବା ସହ କାର୍ଯ୍ୟକୁଶଳତା ବି ବୃଦ୍ଧି ପାଇବ। ପ୍ରତ୍ୟେକ ଦିନ ଅଭ୍ୟାସରେ ପରିଣତ କରି ଏହି କାମ କଲେ କାମ ଆଉ କଷ୍ଟ ଲାଗିବ ନାହିଁ। ପୋଷାକପତ୍ର ଭଳି ନିଜ ଖେଳଣାଗୁଡ଼ିକୁ ମଧ୍ୟ ସଜାଡ଼ି ରଖନ୍ତୁ। ଫଳରେ କେଉଁଠାରେ କେଉଁ ଜିନିଷ ରହିଛି ଭଲଭାବେ ଜାଣିପାରିବେ ଓ ନିଜର ଆବଶ୍ୟକ ସମୟରେ ଖୋଜି ବାହାର କରିହେବ। ଏସବୁ କାମ ପାଇଁ ପିଲାମାନେ ଯଦି ଘରଲୋକଙ୍କ ଉପରେ ନିର୍ଭର ନ କରନ୍ତି ତେବେ ସେମାନଙ୍କୁ ମଧ୍ୟ ଭଲ ଲାଗିବ। ଏହି ଅଭ୍ୟାସ ପିଲାଙ୍କୁ ଆତ୍ମଶୃଙ୍ଖଳା ଓ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଶିକ୍ଷା ଦେଇପାରିବ।

## ରୁଟିନ୍ ସଜାଡ଼ନ୍ତୁ

ପିଲାମାନେ ସ୍କୁଲ ଯିବା ପୂର୍ବରୁ ନିଜର ବ୍ୟାଗ୍ ନିଜେ ସଜାଡ଼ନ୍ତୁ। ସ୍କୁଲର ରୁଟିନ୍ ଅନୁସାରେ କେଉଁ ବହି ଖାତା ସବୁ ନେବାକୁ ହେବ ସେସବୁକୁ ବାହାର କରି ନିଅନ୍ତୁ। ନିଜେ ଏସବୁ କାମ କରିଲେ ଦାୟିତ୍ୱବୋଧ ବଢ଼ିବା ସହ ଶୃଙ୍ଖଳିତ ହୋଇପାରିବେ। ପ୍ରତିଦିନ ଏହି କାମ କରିବା ସେମାନଙ୍କୁ ଭବିଷ୍ୟତରେ ପ୍ରତ୍ୟେକ କାମର ଗୁରୁତ୍ୱ ସମ୍ପର୍କରେ ଶିକ୍ଷା ଦେବ। ଅବଶ୍ୟ ଏହି କାମରେ ଅଭିଭାବକ ପିଲାଙ୍କୁ ଗାଇଡ୍ କରିବା ଦରକାର ଓ ପିଲାମାନେ ଠିକ୍ ସମୟରେ କାମ କରୁଛନ୍ତି କି ନାହିଁ ତାହା ମନେ ପକେଇଦେବା ଉଚିତ।

## ଖାଇବା ପରେ

ପରିବାରରେ ହେଉ ଅବା ସ୍କୁଲରେ ପରସ୍ପର ସହଯୋଗରେ ସବୁକାମ କରିବା ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ରଖିବା ଏକ ଉତ୍ତମ ଲକ୍ଷଣ। ଏହିଭଳି ଗୁଣର ବିକାଶ ପାଇଁ ପିଲାଙ୍କୁ ଘରର କିଛି ଛୋଟ ଛୋଟ କାମରେ ସାହାଯ୍ୟ କରିବା ଦରକାର। ଯେମିତିକି ପିଲାମାନେ ପ୍ରତିଥର ଖାଇସାରିବା ପରେ ନିଜ ବାସନ ଉଠାଇ ନିଅନ୍ତୁ। ଏହା ସହିତ ଖାଇବା ସ୍ଥାନରେ ଯେପରି କିଛି ମଇଳା ପଡ଼ିବ ନାହିଁ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଏକା ଖାଉଥାନ୍ତି ତେବେ ଖାଇବା ସ୍ଥାନକୁ ସଫା କରି ଦିଅନ୍ତୁ। ଅବଶ୍ୟ ପ୍ରଥମେ ପ୍ରଥମେ ଏହି କାମ ଠିକ୍‌ଭାବେ ହୋଇ ନ ପାରେ, କିନ୍ତୁ କିଛି ଦିନ ପରେ ସହଜରେ କରିପାରିବେ।



## ଏମାନେ କ'ଣ କରନ୍ତି

### ଠିକ୍ ସମୟରେ ସବୁ କାମ କରେ



ସବୁଦିନ ସକାଳୁ ନିଜେ ସବୁ ନିତ୍ୟକର୍ମ କରେ। ତା'ପରେ ପାଠପଢେ ଓ ସ୍କୁଲ ବ୍ୟାଗରେ ରୁଟିନ୍ ଦେଖି ସବୁ ବହି ସଜାଡ଼ି ରଖେ। ଏମିତିକି ମାମା ଟିଫିନ୍ ଭର୍ତ୍ତି କରିବା ପରେ ତାକୁ ନେଇ ବ୍ୟାଗ୍‌ରେ ରଖେ। ପାଣି ବୋତଲରେ ନିଜେ ପାଣି ଭର୍ତ୍ତି କରେ। ଆଉ ମୋର ସବୁ ଡ୍ରେସ୍ ବି ମୁଁ ନିଜେ ରଖିଥାଏ। ତେଣୁ ନିଜେ ସ୍କୁଲ ଡ୍ରେସ, ଜୋତା ସବୁ ପିନ୍ଧି ରେଡି ହୋଇଯାଏ। ଅବଶ୍ୟ ସବୁକାମ କରୁଛି କି ନାହିଁ ବୋଲି ମାମା ସବୁ ସମୟରେ ମନେ ପକାଇ ଦିଅନ୍ତି। ଏବେ ତ ମୋର ସବୁ କାମ କରିବାର ଅଭ୍ୟାସ ହୋଇଗଲାଣି।

**-ବିଶ୍ୱଜିତା ସ୍ୱାଇଁ**, କ୍ଲାସ- ୯
ବାଲିଅନ୍ତା ହାଇସ୍କୁଲ, ବାଲିଅନ୍ତା, ଭୁବନେଶ୍ୱର

### ଚେଷ୍ଟା ଚଳାଇଛି




ଆଗରୁ କିଛି କାମ କରିପାରୁ ନ ଥିଲି। କିନ୍ତୁ ସ୍କୁଲରେ ସାର୍ କହିଲେ ନିଜ କାମ ନିଜେ କରିବା ଭଲ। ସେହିଦିନ ପରଠୁ ନିଜ କାମ ସବୁ କରିବାକୁ ଚେଷ୍ଟା କରୁଛି। ନିଜ ଡ୍ରେସ୍ ସବୁ ସଜାଡ଼ି ରଖୁଛି। ମୋ ପଢ଼ା ଟେବୁଲ ବି ସବୁଦିନ ସଫା କରେ। ମାମା ଯେତେବେଳେ ଯାହା କରିବାକୁ କହେ ତା'ର ସବୁ କଥା ମାନେ। ତେଣୁ ମୋ ନାଁରେ ସ୍କୁଲ କିମ୍ବା କାହା ଘରୁ କିଛି ଖରାପ ବ୍ୟବହାର କରିବା ନେଇ ଘରକୁ ଅଭିଯୋଗ ଆସେନି। ବାବା କହିଛନ୍ତି ପାଠ ପଢ଼ିବା ସହିତ ଭଲ ମଣିଷ ହେବା ଆବଶ୍ୟକ। ତେଣୁ ସବୁବେଳେ ସତ କହିବା, ସମସ୍ତଙ୍କୁ ଭଲ ବ୍ୟବହାର କରିବା ଦରକାର। ଏସବୁ କଥା ମନେରଖି ସବୁ କାମ କଲେ କିଛି ଭୁଲ୍ ହେବନି।

**-ତନ୍ମୟ ପଣ୍ଡା**, କ୍ଲାସ- ୮
ଲଜପତ୍ ରାୟ ଡିଏଭି ପବ୍ଲିକ ସ୍କୁଲ, କଟକ


୧



୨



୩


୪


୫


୬


୭


୮


**ଆରାଧ୍ୟା ଦାଶ**
କ୍ଲାସ-୬, ଏଲଆର ଡିଏଭି ପବ୍ଲିକ ସ୍କୁଲ, ଗଣ୍ଡରପୁର, କଟକ
୧


**ଶ୍ରୀତମ ବରିହା**
କ୍ଲାସ-୮, ସେଣ୍ଟ ଜାଭିଅର୍ସ ମାର୍ଶାଘାଇ, କେନ୍ଦ୍ରାପଡା
୨


**ଶ୍ରେୟାଶୀ ବିଶ୍ୱାସ**
କ୍ଲାସ- ୬, ଜେଆରଏସ୍ ପବ୍ଲିକ ସ୍କୁଲ, ଭୁବନେଶ୍ୱର
୩


**ପଲାକ୍ଷ ନାୟକ**
କ୍ଲାସ-୩, ଆପିଜେ ସ୍କୁଲ, ସଲ୍ଟ ଲେକ୍, କୋଲକାତା
୪


**ପୂଜା ଦାସ**
କ୍ଲାସ-୯, ଇନ୍ଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେଙ୍କାନାଳ
୫


**ସୋମ ଆଶୀର୍ବାଦ ତ୍ରିପାଠୀ**
କ୍ଲାସ- ୭, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର
୬


**ଅନିନ୍ଦିତା ମହାରଣା**
କ୍ଲାସ-୮, ଓଡିଶା ଆଦର୍ଶ ବିଦ୍ୟାଳୟ, ନିମାପଡା, ପୁରୀ
୭


**ସାଇ ଶିବେଶ ବେହେରା**
କ୍ଲାସ- ୬, କାର୍ମେଲ ସ୍କୁଲ, ରାଉରକେଲା
୮

# ଆସୁଛନ୍ତି ମା’



ସବୁଜ ଶୋଭାରେ ବିମଣ୍ଡିତା ଧରା
ବହୁଛି ଶୀତଳ ବାଆ,
ଚତୁର୍ଦ୍ଦିଗ ଏବେ ଆନନ୍ଦ ବିଭୋର
ବିରାଜିତା ହେବେ ମାଆ ।
ସୁନୀଳ ଆକାଶେ ଧଳାମେଘ ଭାସେ
ସରୋବରେ ପଦ୍ମ, କଇଁ,
ଶେଫାଳି ବିକଶେ ମହମହ ବାସେ
ମାତାଙ୍କ ସ୍ୱାଗତ ପାଇଁ ।
ମହିଷମର୍ଦ୍ଦିନୀ ଜଗତ ଜନନୀ
କଇଳାସ ଧାମ ଛାଡ଼ି,
ଆବିର୍ଭୂତା ହେବେ ଏ ଧରାଧାମରେ
କେଶରୀ ବାହନେ ଚଢ଼ି ।
ମାତା ଆଗମନେ ଦୂର ହେବ ଭବୁ
କଲୁଷ କାଳିମା ଘୋର,
ସବୁରି ଅନ୍ତରେ ଝରାଇ ଦିଅ ମା’
ଭକ୍ତି ମନ୍ଦାକିନୀ ନୀର ।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

# ଶରତ ଆସିଛି

ଧରଣୀ କୋଳକୁ ଶରତ ଆସିଛି
ଚତୁର୍ଦ୍ଦିଗ ସଜହୁଏ
ଶ୍ୟାମଳ କ୍ଷେତରେ କାଶତଣ୍ଡୀ ଫୁଲ
ମନପ୍ରାଣ ମୋହିନିଏ ।
ଗଙ୍ଗଶିଉଳିର ମୃଦୁ ମୃଦୁ ବାସ୍ନା
ଆମୋଦିତ କରିଥାଏ
ନିର୍ମଳ ପ୍ରଦୋଷେ ପାର୍ବଣ ଲଗ୍ନରେ
ଜହ୍ନିଫୁଲ ହସିଥାଏ ।
ଯେତେକ ସର୍ଜନା ଯେତେ ଉପାସନା
ମାଆଙ୍କ ଆସିବା ପାଇଁ
ସିଂହବାହିନୀ ମା’ ବରପ୍ରଦାୟନୀ
ଆସ ଧରାକୁ ଓହ୍ଲାଇ ।
ତୁମ ଆଗମନେ ଲୀନ ହୋଇଯାଉ
ଦୁଃଖ ଶୋକ ଆଉ ରୋଗ
ମାଆ ପଦ୍ମାସନୀ ଅଭୟ ମୁଦ୍ରାରେ
ଦିଅ ଫଳ ଚତୁର୍ବର୍ଗ ।

**–ଶୁଭେନ୍ଦୁ ମହାପାତ୍ର**
ଚାଉଳିଆ, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮

# ଦଶଭୁଜା

ଘୋଟିଛି ଆକାଶ ଧୂପର ଧୂଆଁରେ
ଫୁଲ ମହକୁଛି ପବନ ଛୁଆଁରେ
ଝରଣା ଗାଉଛି ଗୀତ ।
ଆକାଶରେ ନାହିଁ ମେଘର ମେଳଣ
ଝୁଲୁ ନାହିଁ ଆଉ ବଉଦ ଝୁଲଣ
ତୋଫା ଚଦରଟେ ଖାଲି,
ଉଡ଼େଇ ଦେଇଛି କୋଉ ରଜକ ସେ
ଧୋଇ ଦେଇ ଧୂଳି ବାଲି ।
ଡଗର ବୁଲୁଛି ଗାଆଁ ଓ ସହର
ମାଦଳ ବଜାଇ ବାଣ୍ଟୁଛି ଖବର
ସଜ ହୁଅ ନର,ନାରୀ,
ଧୂପ,ଦୀପ,ଚୁଆ,ଚନ୍ଦନ,ଅଗୁର
ହାତେ ଫୁଲ ଡାଲା ଧରି ।
ବିଜେ ହୁଅ ମାଆ ଦୁର୍ଗତି ନାଶିନୀ
ଦଶଭୁଜା ମାଆ କୈଳାସ ବାସିନୀ
ଯୋଡୁଅଛୁ ବେନି କର,
ତୁମ ଆଗମନେ ହସିଉଠୁ ମାଆ
ସୁଖ ଶାନ୍ତିର ଏ ଘର ।

**– ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର
ମୋ: ୯୦୪୦୦୩୩୩୯୦

# ଡିବିରି ବତି



ଘନ ଅନ୍ଧାରରେ ଥିଲ ମୋ ସାଥୀ
ତୁମ ପାଖେ ବସି ନିରିଖି ନିରିଖି
ପଢ଼ିଥିଲି କେତେ ପୋଥି ।
ଅତୀତରେ ଥିଲା ତୁମ ଆଦର
ଜଳୁଥିଲ ତୁମେ ଘର,ବାହାର
ଆଲୋକର ଥିଲ ଉତ୍ସ
କିଏ କହେ ତୁମେ ତୁଚ୍ଛ ?
କୁଟୀର ହେଉ କି ରାଜଉଆସ
ସବୁଠାରେ ଥିଲା ତୁମ ପ୍ରକାଶ
ଡିବିରି ଜଳିଲେ ହଟେ ଅନ୍ଧାର
ସେଥିପାଇଁ ଥିଲା ତୁମ ଆଦର ।
ଭଙ୍ଗା କୁଡିଆର ଜହ୍ନ
ସଞ୍ଜ ନ ହେଉଣୁ ତୁମେ ଖୋଜା ପଡ଼
ତୁମ ସ୍ନେହେ ବନ୍ଧା ରହିଥିଲା ମନ ।

**– ଅଭୟ କୁଣ୍ଡ**
ପଡ଼ିଆଭଙ୍ଗା ଅନୁଗୋଳ
ମୋ: ୯୫୫୬୯୮୯୭୨୩

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ବଡ଼ ପାଦ ବଡ଼ ହାତ

ଲୋକେ ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ଭାବେ ପ୍ରତିପାଦନ କରିବା ପାଇଁ ଢେର ପ୍ରୟାସ କରନ୍ତି । ମାତ୍ର କେତେକ ଏପରି ଥାନ୍ତି ଯେଉଁମାନେ ଆପେ ଆପେ ଜନ୍ମରୁ ଭିନ୍ନ ହୋଇଥାନ୍ତି । ଆଉ ସେଥିପାଇଁ ରେକର୍ଡ ବି କରିଥାନ୍ତି । ଏହାର ଏକ ଉଦାହରଣ ହେଉଛନ୍ତି ଆମେରିକା ମିଚିଗାନ୍ ସହରର ଏରିକ୍ କିଲବର୍ନ । ସବୁଠୁ ବଡ ପାଦ ଓ ସବୁଠୁ ବଡ ହାତ ଥିବାରୁ ଏବେ ସେ ବିଶ୍ୱ ରେକର୍ଡ କରିଛନ୍ତି । ଏରିକ୍‌ଙ୍କୁ ଏବେ ୧୬ ବର୍ଷ । ଅନ୍ୟ ଟିନ୍‌ଏଜରମାନଙ୍କ ଭଳି ସେ ସ୍ୱାଭାବିକଭାବେ ସବୁକାମ କରନ୍ତି, କିନ୍ତୁ ତାଙ୍କ ହାତ ଓ ପାଦ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ମାତ୍ର ୧୬ ବର୍ଷ ବୟସରେ ତାଙ୍କ ପାଦର ଲମ୍ବ ୧୩.୫ ଇଞ୍ଚ ଓ ଜୋତାର ସାଇଜ୍ ୨୩ । ତାଙ୍କ ବୟସର ପିଲାଙ୍କ ଜୋତାର ସାଇଜ୍ ଅତିବେଶିରେ ୮ରୁ ୯ ଥିବାବେଳେ ଏରିକ୍‌ଙ୍କ ଜୋତାର ସାଇଜ୍ ଏତେ ଅଧିକ । ସେହିଭଳି ତାଙ୍କ ହାତର ଲମ୍ବ ୯.୧୩ ଇଞ୍ଚ । ସେ ଯେତେବେଳେ ତାଙ୍କ ସାଙ୍ଗମାନଙ୍କ ସହ ନିଜକୁ ତୁଳନା କରିଥିଲେ ସେତେବେଳେ ନିଜର ଏହି ପାର୍ଥକ୍ୟକୁ ଅନୁଭବ କରିଥିଲେ । ତେଣୁ ଏବର୍ଷ ଗିନିଜ୍ ରେକର୍ଡରେ ଟିନ୍‌ଏଜରମାନଙ୍କ ମଧ୍ୟରେ ସବୁଠୁ ବଡ ପାଦ ଓ ସବୁଠୁ ବଡହାତ ଭାବେ ଏରିକ୍‌ଙ୍କ ନାମ ସାମିଲ ହୋଇଛି ।



# ଏଥରର

- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୋଭିଏଟ୍ ୟୁନିୟନର ଶାସକ କିଏ ଥିଲେ ?
- ବିଶ୍ୱ ଅର୍ଥନୀତିରେ ସବୁଠୁ ବଡ ମାନ୍ଦାବସ୍ଥା କେବେ ଆସିଥିଲା ?
- ଭାରତର କେଉଁ ମନ୍ଦିରକୁ ବ୍ଲାକ ପାଗୋଡା କୁହାଯାଏ ?
- ‘ଭିଟ୍ରୁଭିଆନ୍ ମ୍ୟାନ’ କ’ଣ ?
- କେନ୍ଦ୍ରୀୟ ବୌଦ୍ଧ ଅଧ୍ୟୟନ ସଂସ୍ଥା କେଉଁଠାରେ ଅବସ୍ଥିତ ?

## ଗତଥରର ଉତ୍ତର

- ଉତ୍ତରପ୍ରଦେଶ, ବିହାର ଓ ଝାଡଖଣ୍ଡ
- ନେଲସନ୍ ମଣ୍ଡେଲା
- ୧୯୧୨
- ଜୋହାନ୍ସ ଗୁଟେନବର୍ଗ
- ପର୍ତ୍ତୁଗୀଜ୍

# କହିଲ ଦେଖି

ବର୍ଷାଋତୁ ଅନ୍ତେ ଆସେ ମୁଁ ଜଗତେ
ଚଉଦିଗ ଦିଶେ ସଫା
ନଈପଠା ଅବା ଗହୀର ହୁଡାରେ
କାଶତଣ୍ଡୀ ଦିଶେ ତୋଫା
ଦୁଇମାସ ରୁହେ ଧରଣୀ କୋଳରେ
ପୂଜା ପାରବଣ ସାଥେ
ଗଣେଶ ଚତୁର୍ଥୀ ମା’ ଖୁଦୁରୁକୁଣୀ
ଦୁର୍ଗାପୂଜା ଆସେ ଅନ୍ତେ
ଏବେ କୁହ ମୋର ନାମ
ମୁହିଁ ଏକ ଋତୁ ଜାଣ ।



**ଉତ୍ତର– ଶରତ ଋତୁ**

ସେ ଏକ ପରିବା ଭାରି ସୁନ୍ଦର
ବର୍ଷାକାଳେ ହୁଏ ଜନମ ତା’ର
ଛୋଟ ଗୋଲାକାର ରୂପ ତାହାର
କଣ୍ଟାଳିଆ ଦିଶେ ପୂରା ଶରୀର
ଭଜା ତରକାରୀ ଚଟଣି ହୁଏ
ସୁଆଦ ତାହାର ମନକୁ ମୋହେ
ଫଳଇ ବଣରେ ଅବା ବାଡିରେ
ଲତାଟିଏ ସିଏ ମାଡେ ରଞ୍ଜାରେ
କହିପାରିବ କି ନାମଟି ତା’ର
ଯିଏ କହିଦେବ ସିଏ ଚତୁର ।



**ଉତ୍ତର– କାଙ୍କଡ଼**

ବରଷା କାଳରେ ଜନମେ ସେହି
ଖୋଲା ପଡିଆରେ ଫୁଟି ହସଇ
ଛଣ ଗଦା ଅବା ଉଇ ହୁଙ୍କାରେ
ଫୁଟେ ସେ ବଣ ଓ ବାଲି ମାଟିରେ
ଛତା ପରି ଦିଶେ ତା’ର ଶରୀର
ମନ ନ ଭୁଲଇ ସୁଆଦ ତା’ର
ଆଜିକାଲି ତା’ର ହେଉଛି ଚାଷ
କହି ପାରିବ କି ତା’ ନାମ କିସ ।



**ଉତ୍ତର– ଛତୁ**

**– ସ୍ୱୟଂପ୍ରଭା ବେହେରା**
ବିଡାନାସୀ,କଟକ
ମୋ: ୯୭୭୭୫୨୯୨୭୬






# ଆମ ବାୟୁମଣ୍ଡଳ

''ବାୟୁ ନ ଥିଲେ ଆମେ ନିଆଁ ଜାଳିପାରିବା ନାହିଁ। ପ୍ରକୃତରେ ବାୟୁରେ ଥିବା ଅମ୍ଳଜାନ ବାଷ୍ପ ହିଁ ନିଆଁ ଜଳିବାରେ ସାହାଯ୍ୟ କରେ। ବାୟୁରେ କେବଳ ଅମ୍ଳଜାନ ନୁହେଁ, ତା' ସହିତ ଯବକ୍ଷାରଜାନ, ଅଙ୍ଗାରକାମ୍ଳ, ଉଦ୍‌ଜାନ, ଆର୍ଗନ, ହିଲିୟମ୍, ନିୟନ୍, ଜେନନ୍, ଜଳୀୟବାଷ୍ପ ଓ ଆହୁରି ଅନେକ ବାଷ୍ପ ରହିଛି। ସବୁଠାରୁ ଅଧିକ ରହିଛି ଯବକ୍ଷାରଜାନ ।''

ଜୀବନ ପାଇଁ ବାୟୁ ଅତି ଜରୁରୀ। ଆମର ନିଃଶ୍ୱାସପ୍ରଶ୍ୱାସ କାମରେ ବାୟୁ ଦରକାର। ବାୟୁମଣ୍ଡଳ ଆମକୁ ବାୟୁ ଦିଏ। ବାୟୁର ଆବରଣ ଆମ ପୃଥିବୀ ଗ୍ରହକୁ ଘେରି ରହିଛି। ସେହି ଆବରଣକୁ ବାୟୁମଣ୍ଡଳ କୁହାଯାଏ। ବାୟୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ବୋହିଲେ ଆମେ ତାକୁ 'ପବନ' ବୋଲି କହୁ। ଆମେ ଓଦା ହାତକୁ ଏପଟସେପଟ ହଲେଇଲେ ହାତକୁ ଥଣ୍ଡା ଲାଗେ, କାରଣ ହାତରେ ପବନ ବାଜେ। ଏହାର ଅର୍ଥ, ଆମର ଖାଲି ଆଖିକୁ ଦେଖାଯାଉ ନ ଥିଲେ ବି ଆମ ଚାରିପଟେ ପବନ ରହିଛି। ଆମ ଚାରିପଟେ ବାୟୁ ଏପଟସେପଟ ଖେଳି ବୁଲୁଛି। ବାୟୁର ନିଜର କିଛି ରୂପ ନାହିଁ କି କିଛି ରଙ୍ଗ ନାହିଁ, କିନ୍ତୁ ବାୟୁର ଓଜନ ଅଛି। ଯଦି ଏକ ମିଟର ଦୈର୍ଘ୍ୟ, ଏକ ମିଟର ପ୍ରସ୍ଥ ଓ ଏକ ମିଟର ଉଚ୍ଚତାର ଏକ ସମଘନାକାର ବାକ୍ସ ଭିତରେ ସାଧାରଣ ଅବସ୍ଥାରେ ରହିପାରୁଥିବା ବାୟୁକୁ ମାପିବା, ତେବେ ତାହାର ବସ୍ତୁତ୍ୱ ହେବ ୧.୩ କିଲୋଗ୍ରାମ୍ । ସେଥିପାଇଁ ବାୟୁମଣ୍ଡଳ ଚାପ ପକାଏ, ଯାହାକୁ ଆମେ ଇଂଲିଶ୍‌ରେ କହୁ ଆଟମସ୍‌ଫେରିକ୍ ପ୍ରେସର। ସମୁଦ୍ରକୂଳରେ ସାଧାରଣ ବାୟୁମଣ୍ଡଳୀୟ ଚାପ ହେଉଛି ୧,୦୧,୩୨୦ ପାସ୍କାଲ୍।

ବାୟୁ ନ ଥିଲେ ଆମେ ନିଆଁ ଜାଳିପାରିବା ନାହିଁ। ପ୍ରକୃତରେ ବାୟୁରେ ଥିବା ଅମ୍ଳଜାନ ବାଷ୍ପ ହିଁ ନିଆଁ ଜଳିବାରେ ସାହାଯ୍ୟ କରେ। ବାୟୁରେ କେବଳ ଅମ୍ଳଜାନ ନୁହେଁ, ତା' ସହିତ ଯବକ୍ଷାରଜାନ, ଅଙ୍ଗାରକାମ୍ଳ, ଉଦ୍‌ଜାନ, ଆର୍ଗନ, ହିଲିୟମ୍, ନିୟନ୍, ଜେନନ୍, ଜଳୀୟବାଷ୍ପ ଓ ଆହୁରି ଅନେକ ବାଷ୍ପ ରହିଛି। ସବୁଠାରୁ ଅଧିକ ରହିଛି ଯବକ୍ଷାରଜାନ। ଆମେ ୫ ବୋତଲ ବାୟୁ ନେଲେ ସେଥିରୁ ୧ ବୋତଲ ଅମ୍ଳଜାନ ମିଳିବ, କିନ୍ତୁ ୪ ବୋତଲ ଯବକ୍ଷାରଜାନ ମିଳିବ। ଅର୍ଥାତ୍ ଆମ ବାୟୁମଣ୍ଡଳରେ ୫ ଭାଗରୁ ୪ ଭାଗ ଯବକ୍ଷାରଜାନ ରହିଛି। ପ୍ରକୃତରେ ବାୟୁମଣ୍ଡଳରେ ୭୮% ଯବକ୍ଷାରଜାନ ଓ ୨୧% ଅମ୍ଳଜାନ ଅଛି। ବାକି ରହିଲା ୧%। ସେହି ୧%ରେ ଆର୍ଗନ୍ (୦.୯୪), ଅଙ୍ଗାରକାମ୍ଳ (୦.୦୨୮), ନିୟନ୍ (୦.୦୦୧), ହିଲିୟମ୍ (୦.୦୦୦୫୩), କ୍ରିପଟନ୍ (୦.୦୦୦୧), ଜେନନ୍ (୦.୦୦୦୦୦୮), ଓଜୋନ୍ (୦.୦୦୦୦୦୧), ଉଦ୍‌ଜାନ (୦.୦୦୦୦୫) ଇତ୍ୟାଦି ଅନେକ ବାଷ୍ପ ରହିଛି। ତା' ସହିତ ବାୟୁରେ ଜଳୀୟବାଷ୍ପ ବି ରହିଛି। ତେବେ, ୪୭୦ କୋଟି ବର୍ଷ ପୂର୍ବେ ପୃଥିବୀ ଜନ୍ମ ସମୟରେ ଏହି ବାୟୁମଣ୍ଡଳ ସମ୍ପୂର୍ଣ୍ଣ ଅଲଗା ଥିଲା। ସେତେବେଳେ ଏହା ଅତି ଗରମ ଥିଲା ଓ ଏହାର ସଂରଚନା ମଧ୍ୟ ସଂପୂର୍ଣ୍ଣ ଅଲଗା ଥିଲା।




ବାୟୁମଣ୍ଡଳର ବିଭିନ୍ନ ସ୍ତର ରହିଛି, ଯଥା– କ୍ଷୋଭମଣ୍ଡଳ (ଟ୍ରପୋସ୍ଫିୟର), ସମତାପମଣ୍ଡଳ (ଷ୍ଟ୍ରାଟୋସ୍ଫିୟର), ମଧ୍ୟମଣ୍ଡଳ (ମେଜୋସ୍ଫିୟର), ଆୟନମଣ୍ଡଳ (ଆୟନୋସ୍ଫିୟର) ଓ ବହିଃ ମଣ୍ଡଳ (ଏକ୍‌ଜୋସ୍ଫିୟର)। କ୍ଷୋଭମଣ୍ଡଳ ଭୂଇଁଠାରୁ ପ୍ରାୟ ୮ରୁ ୧୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ରହିଛି। ଏହା ବାୟୁମଣ୍ଡଳର ନିମ୍ନତମ ସ୍ତର। ଏଠାରେ ସବୁଦିନ ପାଗର ପରିବର୍ତ୍ତନ ଘଟୁଥାଏ। ବିଶେଷକରି ଯବକ୍ଷାରଜାନ, ଅମ୍ଳଜାନ, ଅଙ୍ଗାରକାମ୍ଳ ଓ ବାଦଲକୁ ନେଇ ଏହି ସ୍ତର ଗଠିତ। କ୍ଷୋଭମଣ୍ଡଳ ଉପରେ ୩୨ରୁ ୪୨ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ରହିଛି ସମତାପମଣ୍ଡଳ। ଏହା ଅଳ୍ପ ଅମ୍ଳଜାନ ଓ ଯବକ୍ଷାରଜାନକୁ ନେଇ ଗଠିତ। ଏହି ସ୍ତରରେ ଧୂଳି, ଧୂଆଁ ବା ଘନବାଦଲ ନ ଥାଏ। ସମତାପମଣ୍ଡଳ ଉପରକୁ ପ୍ରାୟ ୪୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟମଣ୍ଡଳ ବ୍ୟାପିରହିଛି। ଏହାର ଚାପ ଖୁବ୍ କମ୍ ଓ ଏହା ଥଣ୍ଡା। ତା' ଉପରକୁ ରହିଛି ଆୟନମଣ୍ଡଳ। ଏହି ସ୍ତର ୫୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏଠାରେ ବାୟୁକଣିକାଗୁଡ଼ିକ ଅତିବାଇଗଣି ସୂର୍ଯ୍ୟରଶ୍ମି ଦ୍ୱାରା ଆୟନିତ ହୁଅନ୍ତି। ରେଡିଓ ତରଙ୍ଗକୁ ବହୁଦୂରକୁ ପଠାଇବା କାମରେ ଏହି ସ୍ତର ସାହାଯ୍ୟ କରେ। ଆୟୋନୋସ୍ତର ଉପରକୁ ରହିଛି ବହିଃମଣ୍ଡଳ, ଯାହାକି ୫୦୦ରୁ ଆରମ୍ଭ କରି ପ୍ରାୟ ୯୬୦୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି। ତା'ପରେ ଅନ୍ଧାରୁଆ ମହାଶୂନ୍ୟ ଆରମ୍ଭ ହୋଇଛି।

**– ସାଗରିକା ଦାସ, (ସ୍ନାତକ ୩ୟ ବର୍ଷ), ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ**

# ଗଛ ଉପରେ ରୁହେ ବେଙ୍ଗ



ବିଶ୍ୱରେ ଏକ ଲକ୍ଷରୁ ଅଧିକ ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି। ଏହି ଜୀବ ମଧ୍ୟରୁ ବେଙ୍ଗ ଅନ୍ୟତମ । ସାଧାରଣତଃ ଏମାନେ ଉଭୟଚର ଜୀବ। ଏହାକୁ ଏକ ପ୍ରାଚୀନ ଜୀବ ବୋଲି କୁହାଯାଏ। ବେଙ୍ଗର ଅନେକ ପ୍ରଜାତି ଅଛନ୍ତି। ସେମାନଙ୍କ ମଧ୍ୟରୁ ଏକ ଅଲଗା ପ୍ରଜାତିର ବେଙ୍ଗ ୱାକ୍ସି ମଙ୍କି ଫ୍ରଗ୍। ଏମାନେ ଗଛପତ୍ରରେ ଦେଖିବାକୁ ମିଳନ୍ତି। ସବୁବେଳେ ଗଛରେ ରହୁଥିବା ଏଭଳି ବେଙ୍ଗର ମୁଖ୍ୟ ଖାଦ୍ୟ ହେଉଛି ପୋକଜୋକ। ଏମାନଙ୍କ ଶରୀରରେ ପ୍ରାୟ ଅଧିକ ଜଳୀୟ ଅଂଶ ରହିଛି। ଏହି କାରଣରୁ ସେ ଖରାରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରନ୍ତି। ଏଭଳି ବେଙ୍ଗର ଶରୀରର ଉପରି ଭାଗର ଚମଡ଼ା ଏତେ ବିଷାକ୍ତ ହୋଇଥାଏ ଯେ, ଏହାକୁ ଯଦି ଜଣେ ବ୍ୟକ୍ତି ସ୍ପର୍ଶ କରିବେ, ତେବେ ତାଙ୍କୁ ହେପାଟାଇଟିସ୍ ହେବାର ଆଶଙ୍କା ରହିଛି। ଏହା ବ୍ୟତୀତ ଶରୀରର ଅନ୍ୟ କୌଣସି ଅଙ୍ଗପ୍ରତ୍ୟଙ୍ଗକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ଏମାନେ ଗଛ ଉପରେ ଏପରି ବସନ୍ତି ଯେ ମନରେ ମାଙ୍କଡ଼ ବସିଥିବାର ଭ୍ରମ ସୃଷ୍ଟି ହୋଇଥାଏ। ତେଣୁ ଏମାନଙ୍କୁ 'ମଙ୍କି ଫ୍ରଗ୍ ' ମଧ୍ୟ କୁହାଯାଇଥାଏ।

# ଦାମୀ ଚାଉଳ

ଭାତ ଅନ୍ୟତମ ପ୍ରମୁଖ ଖାଦ୍ୟ । ବିଶେଷଭାବରେ ଆମ ଦେଶର ଅନେକ ଲୋକ ଏହାକୁ ଖାଇବାକୁ ପସନ୍ଦ କରିଥାଆନ୍ତି। କିନ୍ତୁ ଜାଣିଛ କି, ଧାନଚାଷ ସବୁ ସ୍ଥାନରେ ହୋଇ ନ ଥାଏ। ତେବେ ବଜାରରେ ବିଭିନ୍ନ କିସମର ଚାଉଳ ମିଳିଥାଏ। ଏହି କିସମ ଅନୁଯାୟୀ ଦାମ୍ ମଧ୍ୟ ନିର୍ଦ୍ଧାରଣ କରାଯାଏ। ଦାମୀ ଚାଉଳ ବିଷୟରେ ଅଳ୍ପ ବହୁତ ଜାଣିଥିବ। ହେଲେ ଏଭଳି ଏକ ଚାଉଳ ଅଛି ଯାହାର ଦାମ୍ ଯେତିକି ତା' ବଦଳରେ ଏକ ସ୍ମାର୍ଟ ଫୋନ୍ କିଣାଯାଇପାରିବ। ଏହି କିସମର ୧ କିଗ୍ରା ଚାଉଳର ଦାମ୍ ପ୍ରାୟ ୧୫,୦୦୦ ଟଙ୍କା ହେବ। ଚାଉଳଟିକୁ 'କିନ୍‌ମେମାଇ ପ୍ରିମିୟମ' କୁହାଯାଏ। ଏହା ଦେଖିବାକୁ ଏତେ ସ୍ୱଚ୍ଛ ଯେ, ଧୋଇବାର କୌଣସି ଆବଶ୍ୟକତା ପଡ଼ି ନ ଥାଏ। ଜାପାନର ଯୋୟୋ ରାଇସ୍ କର୍ପୋରେଶନ୍ ଏହି ଚାଉଳର ଏକ ମାତ୍ର ଉତ୍ପାଦକ ସଂସ୍ଥା। ୧୯୬୧ରେ ସ୍ଥାପିତ ଏହି କର୍ପୋରେଶନ୍‌ର ଉକ୍ତ କିସମର ଚାଉଳକୁ ବିଶ୍ୱର ପ୍ରିମିୟମ୍ ଚାଉଳ ବୋଲି କୁହାଯାଏ। ଏହି ଚାଉଳ ସ୍ୱାସ୍ଥ୍ୟ ଲାଗି ବେଶ୍ ଉପକାରୀ ବୋଲି କୁହାଯାଇଛି। ଚାଉଳରେ ବ୍ରାଉନ୍ ରାଇସ୍‌ର ସମସ୍ତ ଗୁଣ ଭରି ହୋଇ ରହିଛି। ଏହା ସୁପାଚ୍ୟ, ହାଲୁକା ଏବଂ ଶୀଘ୍ର ଭାତ ହୋଇଥାଏ। ଏହି ଚାଉଳର ଦୁଇଟି ଭେରାଇଟି ଦେଖିବାକୁ ମିଳିଥାଏ। ପ୍ରଥମଟି ହ୍ୱାଇଟ୍ ହୋଇଥିବା ବେଳେ ଦ୍ୱିତୀୟଟି ବ୍ରାଉନ୍ କଲର ହୋଇଥାଏ। ଏଥିରେ ୧.୮ଗୁଣା ଅଧିକ ଫାଇବର ଏବଂ ସାତଗୁଣା 'ଭିଟାମିନ୍ ବି ୧' ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।



# ଆ ଇ ନା

**ନବ୍ୟା ପାଢ଼ୀ**
୪ ବର୍ଷ/ଭୁବନେଶ୍ୱର





**ଦେବାଂଶୀ ପଟ୍ଟନାୟକ**
୯ ବର୍ଷ/ଭୁବନେଶ୍ୱର